## ଡିକି ଭାଙ୍ଗି ଦେଢ଼ ଲକ୍ଷ ଲୁଟ୍

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାର ଅଞ୍ଚଳରେ ସୋମବାର ଜଣେ ବ୍ୟବସାୟୀଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ରବିନାରାୟଣ ପଣ୍ଡା ମଧ୍ୟାହ୍ନରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ବୈଶିଙ୍ଗା ଶାଖାରୁ ୩ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ବଜାର ମଧ୍ୟରେ ଥିବା ବିଶ୍ୱକର୍ମା ଟ୍ରେଡର୍ସ ନିକଟରେ ଗାଡ଼ି ରଖି ଦେଢ଼ ଲକ୍ଷ ଟଙ୍କା ଦେବାପାଇଁ ଯାଇଥିଲେ। ଏହି ସମୟରେ ଦୁଇ ଯୁବକ ବାଇକ୍‌ରେ ଆସି ଡିକି ଭାଙ୍ଗି ଟଙ୍କା ନେଇ ପଳାଇଥିଲେ। ଅଭିଯୋଗ ପାଇ ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### କୋମାରେ ବନବିଭାଗ କାଟିନେଲେ ୮୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ



ନୀଳଗିରି, ୬।୬(ସ୍ୱ.ପ୍ର.)-ରାଜ୍ୟ ସରକାର ଅଭୟାରଣ୍ୟଗୁଡ଼ିକରେ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ରେଞ୍ଜ ଏବେ କୋମାରେ ରହିଛି। ସ୍ପଷ୍ଟ ଦିବାଲୋକରେ କୁଲଡ଼ିହା ଅଭୟାରଣ୍ୟର ପ୍ରତିଦିନ ମୂଲ୍ୟବାନ ଗଛ କଟା ଚାଲିଛି। ଗତ ଶନିବାର କାଣ୍ଡଗରଡ଼ି ପଞ୍ଚାୟତର ବିଶେଶ୍ୱର ମହାଦେବ ନିକଟସ୍ଥ ସରକାରୀ ରେଭିନ୍ୟୁ ଜାଗାରୁ ୮୦ ରୁ ଅଧିକ ମୂଲ୍ୟବାନ ଗଛ ଯଥା ଆକାଶିଆ, ଗମ୍ଭାରୀ, ଗଛଗୁଡ଼ିକୁ ଦୁର୍ବୃତ୍ତମାନେ ସଫା କରିଦେଇଛନ୍ତି। ଖବରପାଇ କୁଲଡିହା ବନବିଭାଗ ପହଞ୍ଚି କଟା ହୋଇଥିବା ସମସ୍ତ ଗଛକୁ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛନ୍ତି।

### 'ନୈତିକ ଶିକ୍ଷା ଉତ୍ତମ ଭବିଷ୍ୟତ ଗଢ଼େ'

ସିମୁଳିଆ, ୬।୬(ଡି.ଏନ.ଏ.)-ସିମୁଳିଆ ବ୍ଲକ ବାଟୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧୀର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ବାଲେଶ୍ୱର ପବ୍ଲିକ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପଣ୍ଡା ଯୋଗଦେଇ ବିଦ୍ୟାଳୟ ପରିବେଶ ସୁନ୍ଦର ହେଲେ ଏହା ପିଲାମାନଙ୍କ କ୍ଷେତ୍ରରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ସେହିପରି ସମ୍ମାନନୀୟ ଅତିଥି ରୂପେ ବରି ହାଇସ୍କୁଲର ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ନୈତିକ ଶିକ୍ଷା ଉପଯୁକ୍ତ ନାଗରିକ ସୃଷ୍ଟି କରିବା ସହ ଉତ୍ତମ ଭବିଷ୍ୟତ ଗଢେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ରୂପେ ସିମୁଳିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଳନ୍ଦୀ ସୋରେନ, କୃପାସିନ୍ଧୁ ନାୟକ, ଦୀନବନ୍ଧୁ ପାତ୍ର ପ୍ରମୁଖ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ନବନିର୍ମିତ ମଧ୍ୟାହ୍ନଭୋଜନ ଗୃହ, କମ୍ପ୍ୟୁଟର ଗୃହ ଓ ପାଠାଗାର ଗୃହ ଉଦ୍‌ଘାଟନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ପାଢ଼ୀ, ବବିତା ମଲିକ, ଲକ୍ଷ୍ମୀଧର ବେହେରା ଓ ଗୁରୁଦେବ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଗଜେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ଶିକ୍ଷାନୀତି-୨୦୨୦କୁ ନେଇ ତାଲିମ ଶିବିର

କେନ୍ଦୁଝର, ୬।୬ (ସ୍ୱ.ପ୍ର.): କେନ୍ଦୁଝରସ୍ଥିତ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷ ରଞ୍ଜନ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ର ସରକାରଙ୍କ ଦ୍ୱାର ପ୍ରଣୀତ ଜାତୀୟ ଶିକ୍ଷାନୀତି-୨୦୨୦ ବିଷୟରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଧିର ଚନ୍ଦ୍ର ଜେନା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ମାନସ ବେହେରା ଓ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତିର ବ୍ୟବହାରିକ ପ୍ରତିବନ୍ଧକ ଓ ଅନ୍ୟାନ୍ୟ ତଥ୍ୟ ଗୁଡିକ ବିଷୟରେ ଆଲୋଚନା କରିବା ସହ ବୃତ୍ତିକତା ନୈତିକତା ବିଷୟରେ ଉପାଦେୟ ତଥ୍ୟ ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ତଥା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁବାଷ ଚନ୍ଦ୍ର ଜେନା, ପ୍ରତିଷ୍ଠାତା ସଭ୍ୟ ରାମନାରାୟଣ ଦ୍ୱିବେଦୀ ଓ ରବି ରାୟ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିନ୍ମୟୀ ଜେନା ଓ ମାଧୁରୀ ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ନାମାଙ୍କନ ଦାଖଲକୁ ବିରୋଧ କଲେ ଜମାକାରୀ, ଋଣ ଗ୍ରହୀତା

**ପଣପଣା ସେବା ସମବାୟ ସମିତି**

**ଟଙ୍କା ଫେରସ୍ତ ଦାବିରେ ଚାଷୀଙ୍କ ଧାରଣା**

ବାହାନଗା, ୬।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ସେବା ସମବାୟ ସମିତିର ନିର୍ବାଚନ ନିମନ୍ତେ ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । ନାମାଙ୍କନ ପତ୍ର ଦାଖଲକୁ ଜମାକାରୀ ଓ ଋଣ ଗ୍ରହୀତାମାନେ ବିରୋଧ କରିବାରୁ ଶେଷ ଦିନରେ କେହି ନାମାଙ୍କନପତ୍ର ଦାଖଲ କରିଥିଲେ। ଜମାକାରୀ ଓ ଋଣ ଗ୍ରହୀତାଙ୍କ ଟଙ୍କା ଫେରସ୍ତ ଦାବି କରି ଧାରଣା ଦେଇଛନ୍ତି ଚାଷୀ।

ଏହି ସମିତିରେ ଦୀର୍ଘ ୪ବର୍ଷ ହେଲାଣି କୋଟି କୋଟି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ତଦନ୍ତ ନ କରି ଜମା ରଖିଥିବା ଜମାକାରୀ ଓ ଋଣ ନେଇ ନ ଥିବା ଜମାକାରୀଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ ଉଠାଯାଇଥିବା



ଚାଷୀମାନେ ଧାରଣାରେ ବସିଛନ୍ତି।

ଜଣାପଡିବା ପରେ ଚାଷୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଛନ୍ତି । ତେବେ ସେମାନଙ୍କ ଆନ୍ଦୋଳନକୁ କେହି ଗୁରୁତ୍ୱ ଦେଉ ନ ଥିବାରୁ ସେବା ସମବାୟ କ୍ରିୟାନୁଷ୍ଠାନ କମିଟି ତରଫରୁ ଆବାହକ ପ୍ରଦୀପ କୁମାର ବେହେରାଙ୍କ ଆହ୍ୱାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବସନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସମିତି ଅଧୀନରେ ଥିବା ଚାଷୀ, ଜମାକାରୀ, ଋଣ ଗ୍ରହୀତା ପ୍ରମୁଖ ଏକାଠି ହୋଇ ସମିତି ସାମ୍ନାରେ ଧାରଣାରେ ବସି ରହିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ନିର୍ବାଚନ ହେବାକୁ ଦିଆଯିବ ନାହିଁ ବୋଲି ଧାରଣାକାରୀମାନେ ଅଡି ବସିଥିଲେ। ଫଳରେ ନାମାଙ୍କନ ପତ୍ର ଦାଖଲ ନେବାକୁ ଆସିଥିବା ପଞ୍ଚାୟତ ପିଇଓ ଦୁର୍ଯ୍ୟୋଧନ ମାଝିଙ୍କୁ କ୍ରିୟାନୁଷ୍ଠାନ କମିଟି ଫେରାଇ ଦେଇଥିଲେ। ଶେଷ ଦିନରେ କେହି ନାମାଙ୍କନ ପତ୍ର ଦାଖଲ କରିପାରି ନ ଥିଲେ। ଧାରଣାରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ଦାଶ, ଅନିରୁଦ୍ଧ ବେହେରା, ସରପଞ୍ଚ ରମାକାନ୍ତ ମଲିକ, ସମିତିସଭ୍ୟ ହିମାନୀ ମହାପାତ୍ର, ଦୟାନିଧି ଗିରି, ସୁଶାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ପତି, ବିଜୟ ପଲେଇ, ରବୀନ୍ଦ୍ର ମଣ୍ଡଳ, ରମାକାନ୍ତ ପ୍ରଧାନ, ରମେଶ ବେହେରା, ଦିଲୀପ ଦାସ ପ୍ରମୁଖଙ୍କ ସହିତ ବହୁ ଚାଷୀ ଓ ଜମାକାରୀମାନେ ଉପସ୍ଥିତ ଥିଲେ ।

# ବଜାର ନିକଟରେ ମଦ ଦୋକାନକୁ ବିରୋଧ

ଚାନ୍ଦବାଲି, ୬।୬ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମୌସୁଧା ବଜାର ନିକଟରେ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସୋମବାର ସେମାନେ ଭଦ୍ରକ ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ମତୋ ବଜାରଠାରୁ ମୌସୁଧା ବଜାର ମଧ୍ୟରେ ଯାଇଥିବା ରାସ୍ତାପାର୍ଶ୍ୱରେ ଗରିବ ଖଟିଖିଆ ଲୋକେ ବସବାସ କରୁଛନ୍ତି। ମଦ ଦୋକାନ ଖୋଲିବା ଦ୍ୱାରା ଏହି ନିରୀହ ଗରିବ ଓ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ। ବିଭିନ୍ନ ସମୟରେ ନିଶାସକ୍ତ ବ୍ୟକ୍ତିଙ୍କ ଦ୍ୱାରା ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଏସବୁକୁ ବିଚାର କରି ମଦ ଦୋକାନ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ମୌସୁଧା ଗ୍ରାମର ସୁରେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ଦାବି କରିଛନ୍ତି।

# ନେରଡ଼ା ସମବାୟ ସମିତି: ୧୫ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଣ୍ଡାରିପୋଖରୀ, ୬।୬ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୧୦ ସେବା ସମବାୟ ସମିତି ପକ୍ଷରୁ ସଭ୍ୟାସଭ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଏଥିପାଇଁ ପୂର୍ବରୁ ୯ ସମିତିରେ ପ୍ରାର୍ଥୀପତ୍ର ଦାଖଲ ସରିଥିବା ବେଳେ ସୋମବାର ନେରଡ଼ା ସମିତିରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ପ୍ରାର୍ଥୀମାନେ ନିର୍ବାଚନ ଅଧିକାରୀ ପ୍ରକାଶ ନାୟକ ଓ ସମିତି ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏଠାରେ ୧୫ ଜୋନ୍ ପାଇଁ ୧୫ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ତେବେ ଏଠାରେ ନିର୍ବାଚନ ହେବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜମିଜମାକୁ କେନ୍ଦ୍ର କରି କଟୁରୀରେ ଆକ୍ରମଣ, ୨ ଗୁରୁତର

ନୀଳଗିରି, ୬।୬(ସ୍ୱ.ପ୍ର.)

ଜମିଜମାକୁ କେନ୍ଦ୍ର କରି ସାନଭାଇର ପରିବାର ଓ ଗ୍ରାମବାସୀଙ୍କୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରିବା ବାପ ପୁଅଙ୍କୁ ମହଙ୍ଗା ପଡ଼ିଛି। ଅଞ୍ଚଳବାସୀ ବାପପୁଅଙ୍କୁ କାବୁ କରି ନିର୍ଘୁମ ଛେଚିବା ପରେ ପୋଲିସ ଜିମା ଦେଇଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ଥାନା କଲ୍ୟାଣୀ ଗ୍ରାମର କାଳିପ୍ରସାଦ ଓ ତାଙ୍କ ସାନ ଭାଇ ଅମ୍ବିକା ପ୍ରସାଦଙ୍କ ସହିତ ଜମିଜମାକୁ ନେଇ ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଥିଲା। କାଳିପ୍ରସାଦ ନାୟକ ବାଲେଶ୍ୱରରେ ରୁହନ୍ତି। ସୋମବାର ତାଙ୍କ ପୁଅ ଜ୍ୟୋର୍ତିମୟଙ୍କ ସହ ଆସି ଗାଁରେ ପହଞ୍ଚିଥିଲେ। ବାପପୁଅ ଅଖାରେ ରଖିଥିବା ତେଲେଙ୍ଗା କଟୁରୀ ବାହାର କରି ଧମକ ଚମକ ଦେଇଥିଲେ। ଅମ୍ବିକା ପ୍ରସାଦ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଉଭୟ ମିତ୍ରପୁର ବଜାରରେ ପହଞ୍ଚିବା ପରେ କିଛି ଅଞ୍ଚଳବାସୀ ବାପପୁଅଙ୍କୁ ଅଟକ ରଖିବା ପରେ ସେଠାରେ ଆତଙ୍କ ଖେଳାଇଥିଲେ। ସେହି ସମୟରେ ଏକ ଟ୍ରକ୍ ଯାଉଥିବା ବେଳେ ହେଲପର ମିତ୍ରପୁର ଅଞ୍ଚଳର ହିରଶ୍ଚନ୍ଦ୍ର ମଲିକ ଗାଡ଼ିରୁ ଓହ୍ଲାଇ ଟ୍ରକ ଆଗରୁ ଗାଡ଼ି ସାଇଡ୍ କରୁଥିବା ବେଳେ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ସମୟରେ ଜ୍ୟୋତିର୍ମୟ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଧରିଥିବା ତେଲେଙ୍ଗା କଟୁରୀକୁ ତାଙ୍କ ବେକରେ ଚୋଟେ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖି ଅଞ୍ଚଳବାସୀ ବାପପୁଅଙ୍କୁ ଛେଚିଥିଲେ। ଏଥିରେ କାଳିପ୍ରସାଦଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ନୀଳଗିରି ପୋଲିସ ଘଟଣାସ୍ଥଳରୁ ତେଲେଙ୍ଗା କଟୁରୀ ଜବତ କରିବା ସହିତ ଜ୍ୟୋତିର୍ମୟଙ୍କୁ ଥାନାରେ ଅଟକ ରଖିବା ସହିତ ଆହତ କାଳିପ୍ରସାଦ ଓ ହରିଶ୍ଚନ୍ଦ୍ରଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ଅମ୍ବିକା ପ୍ରସାଦଙ୍କ ସ୍ତ୍ରୀ ମାନସୀ ନୀଳଗିରି ଥାନାରେ ଏକ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କାଳୀପ୍ରସାଦ ମଧ୍ୟ ନୀଳଗିରି ଥାନାରେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ କରିଛନ୍ତି।

# ଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା,୬।୬(ଡି.ଏନ.ଏ.):ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁରସ୍ଥିତ ଅନନ୍ତ ପ୍ରସାଦ ହାଇସ୍କୁଲରେ ଅବସର ଗ୍ରହଣ କରିଥିବା ୪ ଶିକ୍ଷକ ଏବଂ ଜଣେ ଅଫିସ ସହାୟକଙ୍କୁ ଗୁରୁବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବ୍ଲକ ଏବିଇଓ ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର, ପରିଚାଳନା କମିଟି ସଭାପତି ମମତା ଲେଙ୍କା, ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ କାଶୀନାଥ ମୁଦୁଲି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ଚରଣ ରାଉତ ସହଯୋଗ କରିଥିଲେ ।

# ରଜରାଣୀ ପ୍ରତିଯୋଗିତା ସାଙ୍ଗକୁ ପାରମ୍ପରିକ ଖେଳ



ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର କର୍ମକର୍ତ୍ତା।

**୧୩ରୁ ସୁନ୍ଦରପୁର ରଜ ମହୋତ୍ସବ**

ଖଇରା, ୬।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ତୃତୀୟ ବାର୍ଷିକ ରଜ ମହୋତ୍ସବ ୧୩ରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦ୍‌ଯାପିତ ହେବ । ଜୁନିଅର ଓ ସିନିୟର ସ୍ତରରେ ରଜରାଣୀ ବିଜେତାଙ୍କ ପାଇଁ ରୂପା ମୁକୁଟ ସାଙ୍ଗକୁ ଅର୍ଥ ପ୍ରଦାନ କରାଯିବ । ତା'ସହିତ ଗାଁ ଗହଳିରୁ ହଜିଯାଉଥିବା ଖେଳ କବାଡି, ଚେସ, କ୍ୟାରମ, ଶଙ୍ଖଫୁଙ୍କା, ପୁଚି ଓ ମେହେନ୍ଦି ଆଦି ପ୍ରତିଯୋଗିତା ବ୍ୟବସ୍ଥା କରାଯାଇଛି। ଆସିଥିବା ଦର୍ଶକମାନେ ରଜଦୋଳି, ମୀନାବଜାରର ମଜା ମଧ୍ୟ ନେଇପାରିବେ ବୋଲି ୨ତାରିଖ ଅପରାହ୍ନରେ ଖଇରାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ଅଧ୍ୟାପକ ସୁରେନ୍ଦ୍ର ପ୍ରସାଦ ରାଉତ ଓ ସମ୍ପାଦକ ବସନ୍ତ କୁମାର ପାଢୀ ସୂଚନା ଦେଇଛନ୍ତି।

ଏଥିସହ ମା' ତାରିଣୀ ଯୁବ ପରିଷଦ ସହଯୋଗରେ ୧୨ତାରିଖରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ପାଶ୍ଚାତ୍ୟ ସଂସ୍କୃତିର କୁଠାରଘାତରେ ମଳିନ ପଡିଯାଉଥିବା ଉତ୍କଳୀୟ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ତଥା ଓଡିଶାର ଏହି ସ୍ୱତନ୍ତ୍ର କୃଷିଭିତ୍ତିକ ପର୍ବକୁ ଉଦ୍‌ଜୀବିତ କରିବାକୁ କମିଟିର ଏହା ଏକ ଛୋଟ ପ୍ରୟାସ ବୋଲି ସଭାପତି ଉଲ୍ଲେଖ କରିଥିଲେ। କମିଟିର ଏହି ଉଦ୍ୟମ ସହ ତାଳ ଦେଇ ପ୍ରାକ୍ତନ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସବୁସ୍ତରରେ ସହାୟତା କରୁଥିବା ଏବଂ ଆଗକୁ ମଧ୍ୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ କମିଟି ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି। ବୈଠକରେ କମିଟି ସହସମ୍ପାଦକ ବାଲ୍ମିକୀ ନାୟକ, ଆବାହକ ହରେକୃଷ୍ଣ ରାଉତ, କୋଷାଧ୍ୟକ୍ଷ ସୌଭାଗ୍ୟ ସାହୁ ଓ ବିଭୂତି ଭୁଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ହ୍ୱିଲ ଚେୟାର କ୍ରିକେଟ ଟିମ୍‌ରେ କେନ୍ଦୁଝରର ୪ ଖେଳାଳି

କେନ୍ଦୁଝର, ୬।୬(ସ୍ୱ.ପ୍ର.)

ଆନ୍ଧ୍ରପ୍ରଦେଶରେ ହେବାକୁ ଥିବା ଦିବ୍ୟାଙ୍ଗ ହ୍ୱିଲ ଚେୟାର କ୍ରିକେଟ ପ୍ରତିଯୋଗିତା ଓ ନୂଆଦିଲ୍ଲୀରେ ହେବାକୁ ଥିବା ଇଣ୍ଡିଆ ହ୍ୱିଲ ଚେୟାର ପ୍ରିମିୟର ଲିଗ୍‌ରେ ଖେଳିବା ପାଇଁ କେନ୍ଦୁଝର ଜିଲାର ୪ଜଣ ଚୟନ ହୋଇଛନ୍ତି। ସେମାନେ ହେଲେ ଅଭୟ ଜେନା, ମଙ୍ଗଳ ଲୋହାର, ଅମିତ୍ ପରିଡ଼ା, ତୁଷାର ରଣା। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରେସମିଟରେ ରାଜ୍ୟ ସଭାପତି ରାହାସ ବିହାରୀ ପୃଷ୍ଟି ଓ ସମ୍ପାଦକ ଅଭୟ ଜେନା ଜଣାଇବାସହ ଖେଳାଳି ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅନ୍ୟ ଖେଳାଳିଙ୍କ ଭଳି ସୁବିଧା ମିଳିଲେ ସେମାନେ ମଧ୍ୟ ସଫଳ ହୋଇପାରିବେ ବୋଲି ଖେଳାଳିମାନେ କହିଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି

କେନ୍ଦୁଝର, ୬।୬(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୩୬ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ଯରୁ ୧୯ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୧୭ ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୬ ଜଣ ଏବଂ ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୬ ଜଣ ବ୍ୟକ୍ତିଙ୍କ ଠାରୁ ଦରଖାସ୍ତ ଗ୍ରହଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଧନରାଜ୍ ଏଚ୍.ଡି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ପିଡି ଡିଆରଡିଏ ବିଷ୍ଣୁ ପ୍ରସାଦ ସାହୁ, ଉପଜିଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ସୁରଞ୍ଜିକା ବେହେରା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ସୁଚୀସ୍ମିତା ଦାଶଙ୍କ ସମେତ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଗୁରୁକୁଳ ଆଶ୍ରମକୁ ପ୍ରକୃତି ମିତ୍ର ସମ୍ମାନ

ରୂପସା, ୬।୬(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମକୁ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ରବିବାର ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶ୍ରମ ସମ୍ପାଦକ ବିଜୟ କୁମାର ଆର୍ଯ୍ୟଙ୍କୁ ମାନପତ୍ର ସହ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଓଡ଼ିଶା ଜୈବ ବିବିଧତା ବୋର୍ଡ଼ର ଅଧ୍ୟକ୍ଷ ରାଜୀବ କୁମାରଙ୍କ ସମେତ ଜଙ୍ଗଲ ଓ ପରିବେଶ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏହି ଗୁରୁକୁଳ ଆଶ୍ରମ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସଚେତନତା, ବନୀକରଣ ଆଦି କାର୍ଯ୍ୟକ୍ରମ କରି ବ୍ଲକସ୍ତରରେ ସଫଳତା ଅର୍ଜନ କରିଥିଲେ।




ରବୀନ୍ଦ୍ର ମଣ୍ଡପରେ ଗୁରୁକୁଳ ଆଶ୍ରମ ସମ୍ପାଦକଙ୍କୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଉଛି।

# ପରିବେଶ ସୁରକ୍ଷା ନେଇ ସଚେତନତା ରାଲି

ପାଟଣା, ୬।୬(ସ୍ୱ.ପ୍ର.)

ବିଶ୍ୱ ପର୍ଯ୍ୟାବରଣ ଉପଲକ୍ଷେ କେନ୍ଦୁଝର ଜିଲା ପାଟଣା ବ୍ଲକ ଏକଲ ଅଭିଯାନ ପକ୍ଷରୁ ସୋମବାର ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ସକାଶେ ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ଓ ବଜାର ପରିକ୍ରମା କରି ପରିବେଶ ସୁରକ୍ଷା ସଚେତନତା ନେଇ ସ୍ଲୋଗାନ ଦିଆଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ପାଟଣା ଏକଲ ଅଭିଯାନର ସଭାପତି ଶିବନାରାୟଣ ମିଶ୍ର, ଉପସଭାପତି ଯତୀନ୍ଦ୍ର ନାଥ ସେଠୀ, ସମ୍ପାଦକ ଦୁର୍ଗା ଚରଣ ନାୟକ, ବିଜୟରତ୍ନ ପତି, ଲକ୍ଷ୍ମଣ କୁମାର ପତି , ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟିର ସଭାପତି ଅରବିନ୍ଦ ଦାଶ, ଅରୁଣ କୁମାର ମିଶ୍ର , ଶଶିଭୂଷଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବହୁ ପ୍ରତିଭାର ଅଧିକାରୀ ଥିଲେ ସଦାନନ୍ଦ

ଭଦ୍ରକ ଅଫିସ, ୬।୬

ବହୁ ପ୍ରତିଭାର ଅଧିକାରୀ ଥିଲେ ସଦାନନ୍ଦ ସାହୁ। ଏକାଧାରରେ ସାରସ୍ୱତ ସଙ୍ଗଠକ, କବି, ଖବରଦାତା, କଳାକାର ସହ ଜଣେ ପରୋପକାରୀ ଓ ଦରଦୀ ମଣିଷ ଥିଲେ ବୋଲି ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଭଦ୍ରକ ବ୍ଲକ ଏରେଇଁ ପଞ୍ଚାୟତ ବିଶାଣିଖରିଦାଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସାହିତ୍ୟ ପରିଷଦର ସଭାପତି ରାଧାରାଣୀ ମହାପାତ୍ର, ଶିକ୍ଷାବିତ୍ ଉମାକାନ୍ତ ନାୟକ, କରୁଣାକର ବେହୁରିଆ, ଖବରଦାତା ରବିନାରାୟଣ ଖିଲାର, ଅଧ୍ୟାପକ ନିହାର ରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ। ବେଦ ପାଠ କରିଥିଲେ କବି ବିଜୟ ବହଳି। କବି ରମେଶ ଚନ୍ଦ୍ର ସ୍ୱାଇଁ, ଡ.ଅବନୀ ପ୍ରଧାନ, କବୟିତ୍ରୀ ଗୀତାରାଣୀ ଆଇଚ, ମନୋରମା ରାୟ ପ୍ରମୁଖ କବିତା ପାଠ କରିଥିଲେ।




ସ୍ମୃତିସଭାରେ ଉପସ୍ଥିତ ଅତିଥି।

# 'ସେ କାଳର କଥା' ଲୋକାର୍ପିତ

**ବାରିପଦା ଅଫିସ,୬।୬:** ଗାଳ୍ପିକ ବୃନ୍ଦାବନ ଦାଶଙ୍କ ଲିଖିତ ପୌରାଣିକ ଓ ଐତିହାସିକ ଗଳ୍ପ ସଙ୍କଳନ 'ସେ କାଳର କଥା' ସୋମବାର ଲୋକାର୍ପିତ ହୋଇଯାଇଛି । ସାହିତ୍ୟିକ ଅଜିତ କୁମାର କବାଟଙ୍କ ପୌରହିତ୍ୟରେ କଲ୍ୟାଣୀ ମହିଳା ସମିତି ସଭାଗୃହରେ ଅନୁଷ୍ଠିତ ଏହି ଲୋକାର୍ପଣ ସମାରୋହରେ ବରିଷ୍ଠ କବି ଡ. ନୀଳକଣ୍ଠ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ 'ସେ କାଳର କଥା' ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ସାର୍ଥକ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଧନେଶ୍ୱର ପଣ୍ଡା ଓ ସମ୍ମାନିତ ବକ୍ତା ଭାବେ ନାଟ୍ୟକାର ମନୋଜ ଦଳବେହେରା ଯୋଗଦେଇଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାପତି ପଦ୍ମନାଭ ସାହୁ ପୁସ୍ତକଟିର ସମୀକ୍ଷା କରିଥିଲେ ଆଶିଷ ବସା ମଞ୍ଚ ପରିଚାଳନା ଏବଂ କୁମାର ଓମ୍ ବେଦ ପାଠ କରିଥିଲେ।

# ୧୧ ଥର ଅଭିଯୋଗ ପରେ ବି ମିଳୁନି ନ୍ୟାୟ

**ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅସହାୟ ମହିଳା**

ବାରିପଦା ଅଫିସ,୬।୬

ମୟୂରଭଞ୍ଜ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟରତ ଅନୀଲ କୁମାର ଦ୍ୱିବେଦୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ପେନସନ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ମୃତକଙ୍କ ସ୍ତ୍ରୀ ସେବତୀ ୧୧ଥର ଅଭିଯୋଗ କରିବା ପରେ ମଧ ବିଭାଗୀୟ ଅଧିକାରୀମାନେ ନିଜ ଜିଦରେ ଅଟଳ ରହିଛନ୍ତି। ଏହାକୁ ନେଇ ସେବତୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଜନଶୁଣାଣି ଶିବରରେ ପୁନର୍ବାର ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଟାଣ୍ଡାଣ୍ଟ ଭାବେ ଅନୀଲ କାର୍ଯ୍ୟରତ ଥିବା ସମୟରେ ୨୦୧୮ ନଭେମ୍ବର ୨୮ରେ ମୃତ୍ୟୁ ବରଣ କରିଥିଲେ। ମୃତ୍ୟୁ ପରେ ସ୍ତ୍ରୀ ସେବତୀ ପେନସନ ପାଇଁ ବାରମ୍ବାର ମେଡିକାଲ ଇନଚାର୍ଜ ଓ ଡିଲିଙ୍ଗ ଆସିଷ୍ଟାଣ୍ଟଙ୍କୁ ଅବଗତ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଫଳରେ ନିରୁପାୟ ହୋଇ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧିକାରୀଙ୍କୁ ଅବଗତ କରିଥିଲେ। ଏପରିକି ୧୧ଥର ଅଭିଯୋଗ ପରେ ବିଭାଗ ପକ୍ଷରୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ନ ପାଇବାରୁ ଗତ ମେ ୨ ତାରିଖରେ ସେବତୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ରହି ଅଭିଯୋଗ କରିଥିଲେ । ମାତ୍ର ଏକ ମାସ ବିତିଯିବା ପରେ ମଧ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ପେନସନ ବାବଦରେ ବିହୀତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସେବତୀ ପୁଣି ଥରେ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରିବା ପରେ ଜିଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ବିଭାଗୀୟ ଅବହେଳା ନା ଅନ୍ୟ କୌଣସି କାରଣ ପାଇଁ ସେବତୀଙ୍କୁ ନ୍ୟାୟ ମିଳିପାରୁ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩୦ହଜାର ହାତଗୁଞ୍ଜା ଦେବା ପରେ ମଧ୍ୟ ଅଧିକ ଟଙ୍କା ନ ଦେବା ପର୍ଯ୍ୟନ୍ତ ପେନସନ କାଗଜପତ୍ର ହୋଇ ପାରିବ ନାହିଁ ବୋଲି ଅଧିକାରୀମାନେ କହୁଥିବା ସେବତୀ ଅଭିଯୋଗ କରିଛନ୍ତି। ତେବେ ୫-ଟି ସରକାରରେ ଏଭଳି ଦୁର୍ନୀତିକୁ ପ୍ରଶୟ ଦେଉଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

